# ଦେବଗିରି ଶୈବପୀଠ ଦର୍ଶନରେ ପରିବହନ ମନ୍ତ୍ରୀ

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)



ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟମାନେ ଦେବଗିରି ପାହାଡ ବୁଲି ଦେଖୁଛନ୍ତି ।

- ଜିଲା ସଭାପତିଙ୍କୁ ସୂଚନା ନାହିଁ
- ସାଥିରେ ପୂର୍ବତନ ଜିଲା ସଭାପତି, ଯୁବ ସଭାପତି
- ଜିଲାରେ ଚିନ୍ତାଜନକ ଦଳୀୟ ସଂଗଠନ

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଗଠନ କରିଥିଲେ ହେଁ ଜିଲାର ୩ ବିଧାନସଭା ଆସନ ସମେତ କୋରାପୁଟ ଲୋକସଭା ଆସନକୁ କଂଗ୍ରେସ ଦଖଲ କରିଛି । ୨୦୧୯ରେ ପ୍ରଥମ ଥର କଂଗ୍ରେସରୁ ପ୍ରାର୍ଥୀ ହୋଇ ଓଡ଼ିଶାରୁ ଏକମାତ୍ର କଂଗ୍ରେସ ଏମ୍‌ପି ହୋଇଥିବା ସପ୍ତଗିରି ଉଲାକାଙ୍କ ରଣନୀତି ଆଗରେ ୨୦୨୪ରେ ମଧ୍ୟ କାମ କଲାନି ଭାଜପାର କ୍ରେଜ୍ । ପୁଣି ଥରେ ସପ୍ତଗିରି ଏମ୍‌ପି ହେବା ସହିତ କୋରାପୁଟ ଲୋକସଭା ଅଧୀନସ୍ଥ ୬ ବିଧାନସଭା ଆସନ କଂଗ୍ରେସ ଦଖଲ କରିଛି। ଅନ୍ୟପଟେ ବର୍ତ୍ତମାନ ଜିଲାରେ ନୂତନ ସଭାପତି ନିଯୁକ୍ତି କରିଛି ଭାଜପା । ଦଳର ପୁରାତନ କର୍ମୀ ତଥା ପୂର୍ବତନ ଉପସଭାପତି ଗୋପୀ ଆନନ୍ଦଙ୍କୁ ସଭାପତି ଦାୟିତ୍ୱ ଦେଇଛି । ଗୋପୀଙ୍କ ନେତୃତ୍ୱରେ ଶନିବାର ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ବଜେଟ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମପରେ ମନ୍ତ୍ରୀ ଜେନା ନବରଙ୍ଗପୁର ଜିଲା ଗସ୍ତରେ ଯାଇଥିଲେ । ତେବେ ରାତି ୧୨ଟାରେ ରାୟଗଡ଼ା ଫେରି ପ୍ରଦିକ୍ଷଣ ଗୃହରେ ରାତ୍ରିଯାପନ କରି ଭୋର ୭ଟାରେ କଲ୍ୟାଣସିଂହପୁରସ୍ଥିତ ଦେବଗିରି ଶୈବପୀଠ ଦର୍ଶନରେ ଯାଇଥିଲେ । ହେଲେ ମନ୍ତ୍ରୀ ଜେନାଙ୍କ ରାୟଗଡ଼ାରେ ରହିବା ଏବଂ ସକାଳୁ ବାହାରି ଦେବଗିରି ଯିବା ବେଳେ ସଭାପତି ଗୋପୀଙ୍କ ଦେଖା ମିଳି ନ ଥିଲା। ମନ୍ତ୍ରୀ ଜେନାଙ୍କ ସହିତ ପୂର୍ବତନ ସଭାପତି ଶିବ ପଟ୍ଟନାୟକ, ପଦ୍ମନାଭ ଦାସ ଓ ଯୁବନେତା ଉମେଶ ଖୋସଲା ସାଙ୍ଗରେ ରହିଥିଲେ। ତେବେ ଏନେଇ ଗୋପୀଙ୍କୁ କୌଣସି ସୂଚନା ଦିଆଯାଇନଥିବା ଆଲୋଚନା ଚାଲିଥିବା ବେଳେ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଶନିବାର ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ୩ ବିଧାନସଭା ପ୍ରାର୍ଥୀ ଓ କୋରାପୁଟ ଲୋକସଭା ପ୍ରାର୍ଥୀ ଉପସ୍ଥିତ ରହିବା ପାଇଁ ପୂର୍ବରୁ ଦଳ ପକ୍ଷରୁ ସୂଚନା ରହିଥିଲେ ମଧ୍ୟ ବିଷମକଟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ଼ୁକା ଏବଂ ଗୁଣପୁର ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ଯୋଗଦେଇ ନ ଥିଲେ । ମଞ୍ଚ ଉପରେ ଉପସ୍ଥାପକ ବାରମ୍ବାର ସେମାନଙ୍କ ନାମ ଡାକିଥିଲେ ମଧ୍ୟ କାହାରି ଦେଖା ନ ଥିଲା।। କେବଳ ଏହି ଗୋଟିଏ ଘଟଣା ନୁହେଁ ଏହିଭଳି ଅନେକ ସମୟରେ ଜଗନ୍ନାଥ ଓ ତ୍ରିନାଥ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଜିଲା ସଭାପତି ଚୟନ ଶେଷ ପରେ ବର୍ତ୍ତମାନ ବିଭିନ୍ନ ନିଗମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓ ଅନ୍ୟାନ୍ୟ ପଦପଦବୀ ଉପରେ ଲବି ହେଉଥିବା ଆଲୋଚନା ଚାଲିଛି । ସେହିଭଳି ମଝିଘରିଆଣୀ ମନ୍ଦିର ଟ୍ରଷ୍ଟି ହେବାକୁ ମଧ୍ୟ ଆଶା ବଢ଼ିଚାଲିଛି। ଏଥିପାଇଁ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ଜୋରଦାର ଲବି ହେଉଛି।

# ଜଗନ୍ନାଥ ମନ୍ଦିର ଉନ୍ନତି ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଜେକେପୁର, ୧।୩(ରାଜେଶ ବିଶ୍ୱାଳ)

ରାୟଗଡା ଜିଲା ଅମଲାଭଟା ଛକ ନିକଟରେ ଥିବା ଶ୍ରୀ ଶ୍ରୀ ଶ୍ରୀ ଅନନ୍ତ ନାରାୟଣ ଜଗନ୍ନାଥ ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ଉନ୍ନତି, ସୌନ୍ଦର୍ଯ୍ୟକରଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ରାଜ୍ୟ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀ ଜେନା ରାୟଗଡ଼ା ଭାଜପା ଯୁବ ନେତା ହଳଧର ମିଶ୍ର, ପୂର୍ବତନ ସଭାପତି ଶିବ ପଟ୍ଟନାୟକ, ଅଧିବକ୍ତା ଟୁଟୁ ଦାସ, ହଳଧର ହିମିରିକା ଏବଂ ସ୍ଥାନୀୟ ନେତାଙ୍କ ସହ ଅନନ୍ତ ନାରାୟଣ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ବେଢ଼ା ପରିକ୍ରମା ବେଳେ ଯଜ୍ଞ ଘର, ରୋଷ ଘର, ବେଢ଼ା ପାଚେରୀ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆନନ୍ଦ ବଜାର ପୁନଃରୁଦ୍ଧାର ଆବଶ୍ୟତା ଥିବା ଦେଖି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପକ୍ଷରୁ ଏକ ବଡ଼ ଗୋଶାଳା ନିର୍ମାଣ ନେଇ ଆବଶ୍ୟକ ଜମି ଏବଂ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର ପରିଚାଳିକା ସୁକାନ୍ତି ନାୟକ, ପରିଚାଳନା କମିଟି ସଭାପତି ସୁକାନ୍ତି, ଜାନକୀଲତା ମହାପାତ୍ର, ସମ୍ପାଦକ ବିଦ୍ୟାଧର ଦାସ, କୋଷାଧକ୍ଷ ଚିତ୍ତରଞ୍ଜନ ଜେନା, ସଦସ୍ୟ ମାନସ ପାଣି, ଡେଜିନା ପାଣି, ପୂଜା ଜେନା, ସୁଷମା ବେହେରା, ଶଶୀରେଖା ଦାସ, କୈଳାସ ସ୍ୱାଇଁ ଓ ପୂଜକ ବିଜୟ ଦୀକ୍ଷିତ ପ୍ରମୁଖ ଏହି ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଦାବି କରିଥିଲେ।

# ନିପୁଣ ଓଡ଼ିଶା ମେଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଚନ୍ଦ୍ରପୁର, ୧।୩(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାନଗସୋରଡ଼ା ପଞ୍ଚାୟତ ଅଧୀନ ପାନ୍ଦ୍ରାଖାଲ ଗ୍ରାମର ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷା ବିଭାଗର ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ଏବିଇଓ, ଉମାକାନ୍ତ ମିଶାଲ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ ପରିସରରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନାତ୍ମକ, ମତାମତ ଷ୍ଟଲ୍ କରାଯାଇ ଥିଲା। ଡାନଗସୋରଡ଼ା କ୍ଲଷ୍ଟର ୮ ବିଦ୍ୟାଳୟରୁ ୮୦ ଛାତ୍ରୀଛାତ୍ର ଭାଗ ନେଇ ଥିଲେ। ଏଥିରେ ନିପୁଣ ଓଡ଼ିଶା ସମ୍ପର୍କରେ ଏକ ବୈଠକ କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଇଥିଲା। କ୍ଲଷ୍ଟର ସିଆର୍‌ସିସି ଜୟରାମ୍ କର କରାୟା, ପ୍ରଧାନଶିକ୍ଷକ ନବୀନ ଶବର ଛାତ୍ରୀଛାତ୍ର, ଅଭିଭାବକମାନଙ୍କୁ ତାଲିମ ପ୍ରଦାନ କରିଥିଲେ।ଏଥିରେ ପାଣ୍ଡରାଖାଲ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଶାନ୍ତ ପ୍ରଧାନ, ପୁଷ୍ପଲତା ପାତ୍ର, ଶକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଶବର, ବୁଧେଶ୍ୱତା ଶବର ସହଯୋଗ କରିଥିଲେ। ୮ ବିଦ୍ୟାଳୟର ମୌଳିକ, ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷକ ଉପସ୍ଥିତ ଥିଲେ।

# କାର୍ ଗ୍ୟାରେଜ, ଦୋକାନରେ ଅଗ୍ନିକାଣ୍ଡ



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ସାଇପ୍ରିୟା ନଗରସ୍ଥିତ ଏକ କାର ଗ୍ୟାରେଜ ତଥା ସ୍ପେର ପାର୍ଟସ ବିକ୍ରି ଦୋକାନରେ ଶନିବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଖବରପାଇ ଘଟଣା ସ୍ଥଳରେ ରାୟଗଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ରାୟଗଡ଼ା ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ ରବିବାର ସାଇପ୍ରିୟା ନଗରରେ ଥିବା ବି. ଶ୍ରୀନିବାସ ରାଓଙ୍କ କାର ସ୍ପେର ପାର୍ଟସ ଓ ଗ୍ୟାରେଜରେ କୌଣସି କାରଣରୁ ନିଆଁ ଲାଗି ଯାଇଥିବା ଖବର ମିଳିଥିଲା। ରାୟଗଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କାର ଗୁଡିକରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ତେବେ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଦୋକାନ ମାଲିକଙ୍କ ପ୍ରାୟ ୫ଲକ୍ଷ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଥିବା ଅଗ୍ନିଶମ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

# ଭବିଷ୍ୟତ ଗଠନରେ ବିଜ୍ଞାନର ଗୁରୁତ୍ୱ ନେଇ ଆଲୋଚନା

**ଗୁଣପୁର କଲେଜରେ ଜାତୀୟ ବିଜ୍ଞାନ ଦିବସ**

ଗୁଣପୁର, ୧।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଶଶିଭୂଷଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ଉପରେ ସେ ମତ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା ବିଜ୍ଞାନର ମହତ୍ତ୍ୱ ଏବଂ ଏହାର ପ୍ରୟୋଗ ଉପରେ ଏକ ଚିନ୍ତାଧାରା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଡକ୍ଟର ଜବାହରଲାଲ ଚୌଧୁରୀ, ଜଗନ୍ନାଥ ଦୀପ ଏବଂ ଡକ୍ଟର ସତ୍ୟବାନ ଗରଡା ଯୋଗ ଦେଇ ରମନ ଇଫେକ୍ଟ ଓ ତାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ପଦାର୍ଥ ବିଭାଗ ମୁଖ୍ୟ ଅଧ୍ୟାପକ ସତୀଶ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ସୁନିତା ଗମାଙ୍ଗ ସଂଯୋଜନା କରିଥିଲେ। ଜାତୀୟ ବିଜ୍ଞାନ ଦିବସର ବିଷୟବସ୍ତୁ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ବିଜ୍ଞାନ ବିଭାଗର ସାଗରିକା ପାଢ଼ୀ, ଶୁଭଶ୍ରୀ ମହାପାତ୍ର, ସିମରନ ବିରଦଳେଇ, ପ୍ରଦୀପ ବେହେରା, ଜେ. ଅନୁଷା, କସ୍ତୁରୀ ମହାକୁଡ଼, ବିକାଶ ମହାନନ୍ଦିଆ, ବିକାଶ ଶବର, ଚାନ୍ଦି ପାଳକା, ଅର୍ପିତା ପଟ୍ଟନାୟକ ଓ ଅନ୍ୟମାନେ ନିଜର ବିଜ୍ଞାନ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଭବିଷ୍ୟତ ଗଠନରେ ଏହାର ଗୁରୁତ୍ୱକୁ ଦର୍ଶାଇ ବିଜ୍ଞାନ ପ୍ରତି ସେମାନଙ୍କର ଜ୍ଞାନ ଏବଂ ଉତ୍ସାହ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର ବଡମୁଣ୍ଡି, ବନ୍ଦିତା ଧୁରୁଆ, ନମିତା ମୁଦୁଲି, ଲକ୍ଷ୍ମୀ ଗମାଙ୍ଗ, ରଞ୍ଜୁମା ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଜଣେ ଛାତ୍ରୀ ସନ୍ଦର୍ଭ ପାଠ କରୁଛନ୍ତି ।

# ବ୍ଲକ୍‌ସ୍ତରୀୟ ପଞ୍ଚାୟତ ବିକାଶ ସୂଚକାଙ୍କ ତାଲିମ




ବୈଠକରେ ଆଲୋଚନା ଚାଲିଛି।

ରାୟଗଡ଼ା, ୧।୩ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହରେ ପଞ୍ଚାୟତ ବିକାଶ ସୂଚକାଙ୍କ ସମ୍ପର୍କିତ ଏକ ଦିବସୀୟ ତାଲିମ ଶନିବାର ଅନୁଷ୍ଠିତ ହୋଇଛି। ବିଡିଓ ସୁଜିତ ମିଶ୍ର ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ନିମନ୍ତେ ଗ୍ରାମାଞ୍ଚଳର ବିକାଶ ଧାରାର ନଅ ଗୋଟି ବିଷୟଭିତ୍ତିକ ମୂଲ୍ୟାୟନ ସହ ଆଗାମୀ ବର୍ଷରେ ସେଗୁଡିକ କ୍ଷେତ୍ରରେ ପର୍ଯ୍ୟବେସିତ ଆବଶ୍ୟକତା ଭିତ୍ତିକ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିର ରୂପରେଖ ଏବଂ ଏଥି ନିମନ୍ତେ ବିଭିନ୍ନ ବିଭାଗର ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଦ୍ୱାରା ପ୍ରାୟୋଜିତ ଏହି ତାଲିମରେ ବିଡିଓ ସୁଜିତ ମିଶ୍ର ପଲ୍ଲୀ ସଭା ଓ ଗ୍ରାମ ସଭାର ଭୂମିକା ସହ ବିଭାଗୀୟ ଅଧିକାରୀଙ୍କ ଅଂଶଗ୍ରହଣ ବିଷୟରେ ଆଲୋକପାତ କରିଥିଲେ। ଏବିଡିଓ କାଳୁ ଚରଣ ନାୟକ, ଜିପିଇଓ ଗୋପାଳ ପଣ୍ଡା, ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ ଏବଂ ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ତାଲିମ ପ୍ରଦାନ କରିଥିଲେ। ଏଥିରେ ସରପଞ୍ଚ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆର୍‌ଏସ୍, ଅଙ୍ଗନୱାଡି କର୍ମୀ, ଶିକ୍ଷକ ତାଲିମ ନେଇଥିଲେ।

# ଜିଲାପାଳ କାର୍ଯ୍ୟାଳୟ ଘେରି ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)

**ବସ୍ତି ବାସିନ୍ଦାଙ୍କୁ ଜାଗା, ସ୍ଥାୟୀ ପଟ୍ଟା ପ୍ରଦାନ ଦାବି**

ଆପ ପକ୍ଷରୁ ଶନିବାର ପୂର୍ବାହ୍ନ ୧୧.୩୦ରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଆବାହକ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକାଠି ହୋଇ ୬ଦଫା ଦାବିରେ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ ସହ ଦଳୀୟ କର୍ମୀ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଦିବ୍ୟାଙ୍ଗ, ବିଧବା ଓ ନିରାଶ୍ରୟଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା ପ୍ରଦାନ, ଓଡ଼ିଶାରେ ବିଦ୍ୟୁତ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ମାଗଣା ବିଜୁଳି, ରେଳବାଇ ଜମିରୁ ଉଚ୍ଛେଦ ହୋଇଥିବା ବସ୍ତିବାସିନ୍ଦାଙ୍କୁ ଜାଗା ଓ ସ୍ଥାୟୀ ପଟ୍ଟା ପ୍ରଦାନ, ଜିଲାର ଯୁବତୀଯୁବକଙ୍କୁ ସ୍ଥାନୀୟ ଶିଳ୍ପ କାରଖାନାରେ ନିଯୁକ୍ତି, ରାୟଗଡ଼ା ସହରର ଫ୍ଲାଏ ଓଭର ଓ ଜେକେପୁରସ୍ଥିତ ନାଗାବଳୀ ନଦୀ ପୋଲ ମରାମତି, ବାଇପାସ୍‌ଠାରେ ରେଲୱେ ଫାଟକ ଉପରେ ପୋଲ ନିର୍ମାଣ, ପୂର୍ବରୁ ଠକେଇ ହୋଇଥିବା ଚିଟ୍‌ଫଣ୍ଡ ଓ ସାହାରା ଇଣ୍ଡିଆ ଟଙ୍କା ତୁରନ୍ତ ଜମାକାରୀଙ୍କୁ ଫେରାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ଆବାହକ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ଆପ ଦଳର ବରିଷ୍ଠ ନେତା ଆଶିଷ ପାଣ୍ଡେ ଓ ଅନ୍ୟମାନେ ଯୋଗଦେଇଥିଲେ।



ଆପ୍‌ର ଦଳୀୟ ନେତା ଓ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ରାୟଗଡ଼ା, ୧।୩ (ଆଶିଷ ରଞ୍ଜନ ପଣ୍ଡା)



ଗିରଫ ୩ ଅଭିଯୁକ୍ତ ।

ଏକ ଚୋରି ମାମଲାର ପର୍ଦ୍ଦାଫାସ କରି ରାୟଗଡ଼ା ଟାଉନନ ଥାନା ପୋଲିସ ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜି.ବାଙ୍ଗାରୁ, ଏସ୍.ବାବୁ ଏବଂ ଜି.ଚନ୍ଦୁ। ସୂଚନା ମୁତାବକ ଫେବୃଆରି ୨୫ରେ କୋରାପୁଟ ଜିଲା ବନ୍ଧୁଗାଁ ଥାନା ଅଧୀନ ଗୁଲୁମିଗୁଡ଼ା ଗ୍ରାମର ସଦାରାମ କଲାକା କୌଣସି କାର୍ଯ୍ୟ ପାଇଁ ରାୟଗଡ଼ା ଆସିଥିଲେ। ସେ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ଗାଡ଼ିରେ ଚଢ଼ିବା ସମୟରେ କେହି ତାଙ୍କ ପକେଟରୁ ୧୦ହଜାର ଟଙ୍କା ଚୋରି କରିନେଇଥିଲା। ଏନେଇ ସଦାରାମ ରାୟଗଡ଼ା ଥାନାରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଟାଉନଥାନା ପୋଲିସ କେସ୍ ନଂ ୬୬/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତମାନେ ହିଁ ଚୋରି କରିଥିବା ସମ୍ପର୍କରେ ପୋଲିସ ଜାଣିବା ପରେ ସେମାନଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ କେ.କେ.ବି.କେ କହଁର ସୂଚନା ଦେଇଛନ୍ତି।

# ଉତ୍କଳ ଆଲୁମିନା ପକ୍ଷରୁ ସୌରଚାଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଟିକିରି ନିକଟସ୍ଥ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ସୌର ଚାଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କୃଷକଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଉତ୍କଳ ଆଲୁମିନା ପ୍ରମୁଖ ଭୂମିକା ଗ୍ରହଣ କରୁଛି। କମ୍ପାନୀର ସିଏସ୍‌ଆର ବିଭାଗ ହରିଆଲି ପ୍ରକଳ୍ପ ଅଧୀନରେ କାଶୀପୁର ବ୍ଲକ ବିଲାମାଳ ଗ୍ରାମରେ ସୌରଚାଳିତ ଶୀତଳ ଭଣ୍ଡାର ଉଦ୍‌ଘାଟିତ ହୋଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ସିଏଫ୍‌ଓ ଭାରତ ଗୋଏଙ୍କା, ଉତ୍କଳ ଆଲୁମିନା କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର, ସିଏଫ୍‌ଓ ଭାସ୍କର ବାନର୍ଜୀ, ସିଏସ୍‌ଆର୍ ମୁଖ୍ୟ ଲୋପାମୁଦ୍ର ମିଶ୍ର, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, ଆଞ୍ଚଳିକ ସମୃଦ୍ଧି ସାଧନ ଏନଜିଓ ନିର୍ବାହୀ ସଂଯୋଜକ ସଞ୍ଜିବ କୁମାର ପଟ୍ଟନାୟକ, ଅଜିତାଇ ଚାଷୀ ଉତ୍ପାଦକ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୀତଳ ଭଣ୍ଡାରରେ ଚାଷୀମାନେ ଫସଲକୁ ସଂରକ୍ଷଣ କରିବା ସହିତ ବଜାରରେ ସଠିକ ସମୟରେ ପହଞ୍ଚାଇ ଅମଳ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରିବେ ବୋଲି ଆଲୋଚନା ହୋଇଛି। ଏହାପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଫସଲ ଅମଳ ପରେ ସଂରକ୍ଷଣ ହୋଇନପାରିବାରୁ ପଚିଷଡି ନଷ୍ଟ ହେଉଥିଲା। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିଲେ। ଏହାଦ୍ୱାରା ଅଞ୍ଚଳର ଚାଷୀ ଫସଲର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସହ ପର୍ଯ୍ୟାୟକ୍ରମେ ଚାଷ କାର୍ଯ୍ୟରୁ ମୁହଁ ଫେରାଉଥିଲେ ବୋଲି ଆଲୋଚନା ହେଉଛି। କାର୍ଯ୍ୟକ୍ରମରେ ବିଲାମାଳ, ମକାପଦର, ସାନମାଟିକଣା, ଉପରଡେସକା, ବଡମାଟିକଣା, ନାକିଟିଗୁଡ଼ା, ଡିମୁଣ୍ଡି, ଟିକିରି ଓ କାଲିଆକଣା ଗ୍ରାମର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥି, ଉତ୍କଳ ଆଲୁମିନା କର୍ତ୍ତୃପକ୍ଷ, ଚାଷୀ ଓ ଅନ୍ୟମାନେ।

# ଜୈବିକ କୃଷି ମାଧ୍ୟମରେ ସୁସ୍ଥ, ସବୁଜମୟ ପୃଥିବୀ ସୃଷ୍ଟି ଆହ୍ୱାନ

**ଭାରତୀୟ ପ୍ରାକୃତିକ କୃଷି ପଦ୍ଧତିକୁ ନେଇ କର୍ମଶାଳା, ସମ୍ମିଳନୀ**

ମୁନିଗୁଡ଼ା, ୧।୩ (ନନ୍ଦ କିଶୋର ପଟ୍ଟନାୟକ)



କାର୍ଯ୍ୟକ୍ରମରେ ଅତିଥିମାନେ।

ରାୟଗଡ଼ା ଜିଲା ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସରରେ ରାୟଗଡ଼ା ସିମ୍‌ଫେଡ୍ ଆନୁକୂଲ୍ୟ, ରାୟଗଡ଼ା ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ସୌଜନ୍ୟରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ଯୋଜନାରେ ଏକଦିବସୀୟ କର୍ମଶାଳା ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁପ୍ରସାଦ କରଙ୍କ ସଭାପତିତ୍ୱ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧବ ହିକ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମୁନିଗୁଡ଼ା ତହସିଲଦାର ଏମ୍. ଅନୁରାଧା, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ପଟ୍ଟନାୟକ, କୃଷି ଜିଲା ଅଧିକାରୀ ମୁନିଗୁଡ଼ା ଚିତ୍ତରଞ୍ଜନ ଶତପଥୀ, କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ଼ା ମୁଖ୍ୟ ଡ. ସୁସ୍ମିତା ମହାନ୍ତି, ଏଜିଏମ୍ ସିମ୍‌ଫେଡ୍ ଦିଲ୍ଲୀ ସୁନିତ୍ ତୋମାର, ଗୋଷ୍ଠୀ କୃଷି ଅଧିକାରୀ ବିଷମକଟକ ଓ ମୁନିଗୁଡା ରାହୁଲ କୁମାର ନାୟକ ଓ କାଳନ୍ଦୀ ପରିଡ଼ା, ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜ୍ଞା ପାରମିତା ବିଶ୍ୱାଳ, ପ୍ରାକ୍ତନ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସାମାଜିକ କର୍ମୀ ଡ.ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜୈବିକ ଚାଷ, ଏହାର ଉପକାରିତା ଓ ଚାଷୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ହାଣ୍ଡିଖତ, ପଞ୍ଚଗବ୍ୟ, ଗୋବର ଓ ଗୋମୂତ୍ର ପରିଚାଳନା ମାଧ୍ୟମରେ ମାଟିର ସୁରକ୍ଷା, ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏଥିସହ ଜୈବିକ କୃଷି ମାଧ୍ୟମରେ ଏକ ସୁସ୍ଥ ନୀରୋଗ ଓ ସବୁଜମୟ ପୃଥିବୀ ସୃଷ୍ଟି କରିବା ସହ ମାଣ୍ଡିଆ ଚାଷ, ପାରମ୍ପରିକ କୃଷି ଓ ଜୈବିକ ସନ୍ତୁଳନ ରକ୍ଷା କରିବା ସହ ସରକାରଙ୍କର ବିଭିନ୍ନ ଯୋଜନା ଲୋକମାନଙ୍କ ନିକଟରେ ପହଞ୍ଚାଇବା ପରାମର୍ଶ ଦେଇଥିଲେ। ଭୈରବଗଡ଼ ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସ ବାବୁଙ୍କ ଜୈବିକ ଷ୍ଟଲ୍, ମିଲେଟ୍ ମିଶନର ବ୍ଲକ୍ ସଂଯୋଜକ ଚୈତନ୍ୟ ପ୍ରଧାନ, ଆଦର୍ଶ ଜୈବିକ ଚାଷୀ ବିଭୀଷଣ ଜାକେଶିକା, ରାମାରାଓ ଟିଟିଦୋର, ଅଞ୍ଚଳ ମୁଦ୍ରିକାଙ୍କ ସମେତ ବିଷମକଟକ ଓ ମୁନିଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତର ସିଆର୍‌ପି ଓ ଏଲ୍‌ଆରପିଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ମାନିତ କରାଯାଇଥିଲା। ଉକ୍ତ ସମ୍ମିଳନୀକୁ ସହକାରୀ ବୈଷୟିକ ପରିଚାଳକ ରଙ୍ଗନିଧି ପ୍ରଧାନ, ଅଜିତ ମହାରଣା, ତ୍ରିନାଥ ପିଡ଼ିକାକା, ପ୍ରହଲ୍ଲାଦ କାଶୀ, ମହେନ୍ଦ୍ର ଗରଡିଆ, ଜଗନ୍ନାଥ ମାଣ୍ଡିକାଙ୍କ ସମେତ ସମସ୍ତ କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ ସିଆର୍‌ପି, ଏଲ୍‌ଆର୍‌ପିମାନେ ପରିଚାଳନା କରିଥିଲେ। କୃଷି ଜିଲା ଅଧିକାରୀ ଧନ୍ୟବାଦ ଦେଇଥିଲେ।

**୬୦ କେଜି ଗଞ୍ଜେଇ ଜବତ ୨ ଗିରଫ**

ମାଲକାନଗିରି,(ଗୌରୀଶଙ୍କର ପଣ୍ଡା)-ମାଲକାନଗିରି ଥାନା କାଦବାହାର ଛକରେ ଜିଲା ଅବକାରୀ ବିଭାଗ ପାଟ୍ରୋଲିଂ ବେଳେ ଏକ ଅଟୋ ସହ ୬୦ କେଜି ଗଞ୍ଜେଇ ଜବତ କରିଛି । ଏଥିରେ ସମ୍ପୃକ୍ତ ତେଲେଙ୍ଗାଣାର ନିସନ୍ତା ମେଟାପାଲୀ ଓ ଦୁପତି ମୋହନ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ କିଣି ତେଲେଙ୍ଗାଣାକୁ ଚୋରାଚାଲାଣ କରୁଥିବା କହିଥିଲେ।

## ବିସ୍ଫୋରକ ସହ ୪ ସକ୍ରିୟ ମାଓବାଦୀ ଗିରଫ

ମାଲକାନଗିରି,୧୩(ନୃସିଂହ ଚରଣ ମହାନ୍ତି)

ଛତିଶଗଡ ସୁକମା ଜିଲା ସୁରକ୍ଷାବାହିନୀ ତଲାସି ବେଳେ ୪ ମାଓବାଦୀଙ୍କୁ ଗିରଫ କରିବା ସହ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାପାଇ ଚିନ୍ତଲନାର ପୋଲିସ ଏବଂ ସିଆରପିଏଫ ୭୪ ବାଟାଲିୟନର ଏକ ଟିମ୍ ସର୍ଚ୍ଚରେ ରାଭଗୁଡ଼ା ଗ୍ରାମ ଆଖପାଖ ଅଞ୍ଚଳକୁ ଯାଇ ଜଙ୍ଗଲରେ ସନ୍ଦିଗ୍ଧ ୪ ବ୍ୟକ୍ତିଙ୍କୁ ଯବାନମାନେ କାବୁ କରିଥିଲେ। ତାଙ୍କ ନିକଟରୁ ୧୫ ଜିଲାଟିନ୍ ରଡ୍, ୨ ବୈଦ୍ୟୁତିକ ଡେଟୋନେଟର, ୮ଟି ଅଣ-ବୈଦ୍ୟୁତିକ ଡେଟୋନେଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

# ଏମ୍‌ପି, ବିଧାୟକଙ୍କ ଦ୍ୱାରା ବଡ଼ଯାତ୍ରା ପୀଠ ଉଦ୍‌ଘାଟିତ

ମାଲକାନଗିରି,୧୩(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲାର ଗଣପର୍ବ ବଡ଼ଯାତ୍ରା-୨୦୨୫କୁ ଶନିବାର କନ୍ୟାମାଝି ବନ୍ଧଠାରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ପୀଠ ଉଦ୍‌ଘାଟନ କରିଛନ୍ତି। ୩୫ ଲକ୍ଷ ଟଙ୍କା ବ୍ୟୟରେ ଏସ୍‌ଡିସି ପାଣ୍ଠି ବିନିଯୋଗରେ କନ୍ୟାମାଝି ବନ୍ଧ ପୀଠ ପ୍ରାଚୀର ଓ ମଣ୍ଡପ ନିର୍ମାଣ ସହିତ ସୌନ୍ଦର୍ଯ୍ୟ କାର୍ଯ୍ୟ କରାଯାଇଛି। ତିନୋଟି ରାଜ୍ୟ ଆନ୍ଧ୍ର, ଓଡ଼ିଶା ଓ ଛତିଶଗଡ଼ କିମ୍ବଦନ୍ତୀକୁ ନେଇ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ବହୁଭକ୍ତଙ୍କ ସମାଗମ ହୋଇଥାଏ । ମାର୍ଚ୍ଚ ୮ରୁ ମାଲକାନଗିରି ସଦର ମହକୁମାରେ ଆରମ୍ଭ ହୋଇ ୧୨ ତାରିଖ ଦିନ ମାଉଲୀ ମା' ମନ୍ଦିରରେ ଉଦ୍‌ଯାପିତ ହେବ। ଏହି ବଡ଼ଯାତ୍ରାରେ କାନମରାଜ, ବାଲାରାଜ, ପୋତରାଜ ଓ ମୁତ୍ୟାଲୁମ୍ମା ବିମାନରେ ବିଜେକରି ପଦବ୍ରଜରେ ଶହ ଶହ ଲାଠି ଓ ଭକ୍ତ ଗହଣରେ ଆସି ମାଲକାନଗିରି ମାଉଲୀ ମା' ମନ୍ଦିର ପ୍ରାଙ୍ଗଣରେ ଉପବିଷ୍ଟ ହେବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଅଶୋକ କୁମାର ପରିଡ଼ା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ପିଏ ଆଇଟିଡିଏ ହଳଧର ଶବର, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ବିଜୟ କୁମାର ମହାରଣା, ହିମାଂଶୁ ସାମଲ, ରତନ ବଣିକ, ବଡ଼ଯାତ୍ରା କମିଟିର ପ୍ରଫୁଲ୍ଲ ପଣ୍ଡା, ଗଣେଶ ମଣ୍ଡଳ, ବାଲା ପଣ୍ଡା ଓ ପି. କେଶୁ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି, ବିଧାୟକ ଓ ଅନ୍ୟ ଅଧିକାରୀମାନେ।

## ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ

ମାଲାକନଗିରି, ୧୩ (ଗୌରୀଶଙ୍କର ପଣ୍ଡା)


ହୁଇଲ ଚେୟାର ଦିବସରେ ବାହାରିଥିବା ପଦଯାତ୍ରା ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ନାୟକଗୁଡା ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇ ପଦଯାତ୍ରାକୁ ସଫଳ କରିଥିଲେ। ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଏକ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟା ମଣିଷକୁ ଅନ୍ଧକାରରୁ ଆଲୋକ ଦେଖାଏ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାଲକାନଗିରି,୧୩(ଦୁର୍ଯ୍ୟୋଧନ ପାତ୍ର)

**କୋଇଲିପାରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କୋରୁକୋଣ୍ଡା ବ୍ଲକ କୋଇଲିପାରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ, ମୁଖ୍ୟବକ୍ତା ରତ୍ନାକର ଦାସ, ସମ୍ମାନୀତ ଅତିଥି ଭାବେ କୋରୁକୋଣ୍ଡା ସରପଞ୍ଚ ପଦ୍ମା ମାଡକାମି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମାଡା ମାଡକାମି, କାମରାଜ ଜେନା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବୁଦ୍ରା ଗୌଡ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଅତିଥିମାନେ ଶିକ୍ଷାର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମିସ୍ତ୍ରୀ ବିଦ୍ୟା ମଣିଷକୁ ଅନ୍ଧକାରରୁ ଆଲୋକ ଆଡକୁ ନିଏ ତେଣୁ ପିଲାମାନେ ପ୍ରତିଦିନ ବିଦ୍ୟାଳୟକୁ ଆସି ପାଠ ପଢିବାକୁ କହିଥିଲେ । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରାଚୀରପତ୍ର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ମଧ୍ୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ପାଠାଗାର ଉଦ୍‌ଘାଟନ କରାଯାଇଥିଲା। ଶେଷରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ବିକାଶରେ ଯୋଗଦାନ କରୁଥିବା ୧୦ମହିଳାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୨ ଜଣଙ୍କ ନାମରେ ଥାନାରେ ଅଭିଯୋଗକଲା ବ୍ଲକ୍ ଭାଜପା

**ଏମ୍‌ପିଙ୍କ ଫଟୋକୁ ଚିରି ଗୋଡ଼ରେ ଦଳି ଚପଲରେ ମାରିବା ଅଭିଯୋଗ**

ଚନ୍ଦାହାଣ୍ଡି, ୧୩(ଦିଲୀପ ଦାସ)

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ଫଟୋକୁ ଚିରି ଗୋଡ଼ରେ ଦଳି ଚପଲରେ ମାରିବା ଅଭିଯୋଗରେ ଚନ୍ଦାହାଣ୍ଡି ବ୍ଲକ ଭାଜପା ପକ୍ଷରୁ ୨ ଜଣଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ଡକାଇଛନ୍ତି। ସେଠାରୁ ଆସିବା ପରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରଶାନ୍ତ କୋଲାର୍ସ ସୂଚନା ଦେଇଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଦୁଇ ଭାଜପା ନେତା ହାତାହାତି ଘଟଣାରେ ଶୁକ୍ରବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଆମ୍ବେଦକର ନାଗରିକ ମଞ୍ଚ ବରିଷ୍ଠ ସଦସ୍ୟ କ୍ଷେମରାଜ ବାଘ ଏବଂ ପାନାବେଡା ଗଣ୍ଡା ସମାଜର ସଭାପତି ନରେଶ୍ୱର ବେଶ୍ରାଙ୍କ ନେତୃତ୍ୱରେ ଚନ୍ଦାହାଣ୍ଡି ବନ୍ଦ କରାଯାଇଥିଲା। ଏଥିସହ ଏମପି ବଳଭଦ୍ର ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇ ବିରୋଧ ପ୍ରଦର୍ଶନ ହୋଇଥିଲା। ତେବେ ଏହି ବନ୍ଦ ପାଳନ ସମୟରେ ଚନ୍ଦାହାଣ୍ଡି ଚାରିଛକରେ ଲାଗିଥିବା ଦଳୀୟ ପୋଷ୍ଟରରେ ଏମ୍‌ପି ମାଝୀ ଓ ତାଙ୍କ ଭାଇ ବସନ୍ତ ମାଝୀଙ୍କ ଫଟୋକୁ ରାଜୁ ଚୌହାନ ନାମକ ଯୁବକ କାଟି ରାସ୍ତାରେ ପକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏମପିଙ୍କ ଫୋଟୋକୁ ଅଖିଳ ବାଘ ନାମକ ଯୁବକ ଦଳି ଚକଟି ଦେବାସହ ଚପଲରେ ମାଡ଼ ମାରିଥିଲେ। ଯାହାର ଭିଡିଓ ଏବେ ଭାଇରାଲ ହେଉଛି। ଏହାଦ୍ୱାରା ଏମ୍‌ପି ବଳଭଦ୍ର ମାଝୀଙ୍କ ଲୋକ ପ୍ରିୟତାକୁ କ୍ଷତି ହେବା ସହ ତାଙ୍କ ପଦ ମର୍ଯ୍ୟାଦା ହାନି ଘଟିଥିବା ଅଭିଯୋଗ କରି ଚନ୍ଦାହାଣ୍ଡି ବ୍ଲକ ଭାଜପା ଥାନାରେ ରାଜୁ ଚୌହାନ ଓ ଅଖିଳ ବାଘଙ୍କ ନାମରେ ଏତଲା ଦେଇଛନ୍ତି। ବିନା ଦୋଷରେ ଏମ୍‌ପିଙ୍କ ପ୍ରତି ହୋଇଥିବା ଏଭଳି ହୀନ କାର୍ଯ୍ୟକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରାଯାଇଛି। ଏତଲା ଦେବା ସମୟରେ ଭାଜା ନେତା ଶ୍ୟାମସୁନ୍ଦର ମାଝୀ, ମଣ୍ଡଳ ସଭାପତି ଭୋଦେବ ବାଘ, ମୋହନ ନାୟକ, ଅକାଲୁ ଜାଲି, କେଦାର ପୂଜାରୀ, ଲୋଚନ କଟା, ଗଗନେ ନିଆଲ, ଭକଚନ ନାୟକ, ଛଚିନ୍ଦ୍ର ଗୋପାଳ, ମାନସିଂ ଚୌହାନ, ଭରତ ବାଘ, ମୁରଲୀ ପୋଡ଼, ଦଶରଥ ଧୃରୁଆ, ଜୟରାମ ବାଘ, କାର୍ତ୍ତିକ ମାଳି, ଉମେଶ ବାଘ, ନେପାଳ ପୋଡ଼ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଜିଲା ଭାଜପା ସଭାପତି କୁଞ୍ଜୀ ଦାଶ ଏବଂ ଜିଲା ଯୁବ ସଭାପତି ଚନ୍ଦାହାଣ୍ଡି ପହଞ୍ଚି ଉଭୟ ପକ୍ଷଙ୍କୁ ଭେଟି ଘଟଣାର ତଦନ୍ତ କରି ରାଜ୍ୟ ନେତୃବୃନ୍ଦଙ୍କୁ ଜଣାଇବେ ବୋଲି ସୂଚନା ଦେଇଛନ୍ତି।


ଥାନାରେ ଅଭିଯୋଗ ଜଣାଇବାକୁ ଆସିଥିବା ଭାଜପା ନେତାମାନେ।

## ବିନା ସୁରକ୍ଷା ପାଚେରିରେ ଟ୍ରାନ୍ସଫର୍ମର

କୋରୁକୋଣ୍ଡା,୧୩(ଶିବଦତ୍ତ ସାହୁ)


ମୁକୁଳା ପଡିଥିବା ଟ୍ରାନ୍ସଫର୍ମର ।

ମାଲକାନଗିରି ଜିଲା ବାଲିମେଳା ସହର ୧୨ ନମ୍ବର ୱାର୍ଡରେ ଦୀର୍ଘବର୍ଷ ଧରି ବିନା ସୁରକ୍ଷା ପାଚେରିରେ ୧୦୦ କେଭିର ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ରହିଛନ୍ତି। ସହରର ପ୍ରଭାକର ଛକଠାରୁ ୧୦୦ ମିଟର ଦୂର ତଥା କଳାହାଣ୍ଡିଆ ସାହିର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ଚାରିପାଖରେ ବିଭାଗ ପକ୍ଷରୁ ଆବଦ୍ଧ କରାଯାଇ ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ସେଠାରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ଚାରିପଟେ ପାଚେରି ନିର୍ମାଣ ପାଇଁ ସାହି ବାସିନ୍ଦା ଅନେକଥର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଏହି ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ ପାଇଁ ଅନୁଦାନ ଆସିନାହିଁ। କିଛିଦିନ ପୂର୍ବେ ୫ଟି ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରି ନିର୍ମାଣ କରିବା ପାଇଁ ପ୍ରସ୍ତାବ ପଠାଯାଇଛି ବୋଲି ସେ କହିଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଥିଲି, ୧୩(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍ ଭେଜାଗୁଡ଼ା ପଞ୍ଚାୟତ ମୁଦୁଲିଗୁଡ଼ା ଗ୍ରାମ ଶିକ୍ଷା କମିଟି ପକ୍ଷରୁ ପ୍ରଧାନ ଶିକ୍ଷକ ଚନ୍ଦ୍ରହାସ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥିଭାବେ ଏବିଇଓ ଛତିଶ ଚନ୍ଦ୍ର ନାୟକ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ। ଦିଲୀପ ଫାଲାନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ସାହୁ ୨୦୧୬ରୁ ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଥିଲେ। ଶିକ୍ଷା ବିମୁଖ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ଗ୍ରାମବାସୀ ମତ ଦେଇଥିଲେ। ସିଆରସିସି କେଦାର ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ତ୍ରିନାଥ ଡୁରୁକା, ବୁଦୁ ଖରା, ରୂପଚାନ୍ଦ ବିଶ୍ୱାସ ଓ ସବିତା ବୁରୁଦାଙ୍କ ସହ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଶିକ୍ଷା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସମସ୍ତ ସୁବିଧା ଯୋଗାଇବାକୁ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି


ସ୍କୁଲ ଘର ଲାଗି ସ୍ଥାନ ଚିହ୍ନଟ କରାଯାଉଛି ।

ମାଥିଲି,୧୩(ସୁବାସ ଚନ୍ଦ୍ର ଖୁଡୁପିଆ)

**ଗ୍ରାମବାସୀଙ୍କୁ ମିଳିନି ମୌଳିକ ସୁବିଧା**

ମାଥିଲି ବ୍ଲକ୍ କର୍ତ୍ତନପାଲି ପଞ୍ଚାୟତ ଗୁଗାପଦର ଓ କୁଟୁଆ ପଦର ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ବେଳେ ଏଠାରେ ପ୍ରଶାସନ ଓ କୌଣସି ରାଜନେତାଙ୍କ ପାଦ ପଡ଼ି ନ ଥିବା ଅଭିଯୋଗ ହୋଇଛି। ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା ଉକ୍ତ ଗ୍ରାମକୁ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ଉପରେ ଆଲୋଚନା କରିଥିଲେ। ଗୁଗାପଦର ଓ କଟୁଆପଦର ଗ୍ରାମରେ ବିଜୁଳି, ମୋବାଇଲ ନେଟ୍‌ୱର୍କ ଓ ଗମନାଗମନ ସୁବିଧା ନ ଥିବା ବେଳେ ଏହା ମାଓବାଦୀଙ୍କ ଆଶ୍ରୟସ୍ଥଳୀ ଭାବେ ପରିଚିତ ରହିଥିଲା। ଗ୍ରାମବାସୀ କାଠ ନିଆଁ ଜାଳି ଦିନ କାଟୁଛନ୍ତି। ଓଡ଼ିଆ ଭାଷା ବୁଝିବା ଓ କହିବା ସେମାନଙ୍କ ପାଇଁ କଷ୍ଟକର। ଅଧ୍ୟକ୍ଷ ବାକା ଗ୍ରାମବାସୀଙ୍କ ସହ ଆଲୋଚନା କରି ପାନୀୟ ଜଳ, ସ୍କୁଲ, ସୋଲାର ଲାଇଟ୍ ଓ ଅଙ୍ଗନୱାଡି କେନ୍ଦ୍ର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ପାଠ ପଢ଼ି ସୁମଣିଷ ହେବାକୁ ପରାମର୍ଶ

ମାଲକାନଗିରି,୧୩ (ନୃସିଂହ ଚରଣ ମହାନ୍ତି)

**ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟର ହୀରକ ଜୟନ୍ତୀ**

ମାଲକାନଗିରି ଜିଲା ଶିଖପାଲ୍ଲୀ ଆଶ୍ରମ ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା କୁମାରୀ ମାଝୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝି, ମୁଖ୍ୟବକ୍ତା ପଡିଆ ଆଞ୍ଚଳିକ କନିଷ୍ଠ ବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଲୟର ଆସୋସିଏଶନ ସଭାପତି ନୃସିଂହ ଚରଣ ମହାନ୍ତି, ଜିଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଅଶୋକ ମିଶ୍ର, ଜିଲା କ୍ରୀଡା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବିଧାୟକଙ୍କ ପ୍ରତିନିଧି ସତ୍ୟ ନାରାୟଣ ପାଲ, ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାୟ, ପ୍ରଧାନ ଶିକ୍ଷକ ପଡିଆ ବୁଦ୍ରଆ କବାସୀ,ପୂର୍ବତନ ଜିଲା ପରିଷଦ(୨) ଦେବେ ମାଢି ଓ ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସୁମନ୍ତ କୁମାର ପିଲାଙ୍କୁ ଆଗାମୀ ଦିନରେ କିପରି ପାଠ ପଢି ଭଲ ମଣିଷ ହୋଇ ପାରିବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଚିତ୍ତରଞ୍ଜନ ପଣ୍ଡା। ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷକ କବିରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

## ଜାଗର ମେଳା ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ କଳସ ଶୋଭାଯାତ୍ରା ।

କୋରୁକୋଣ୍ଡା,୧୩(ଶିବଦତ୍ତ ସାହୁ )

କୋରୁକୋଣ୍ଡା ବ୍ଲକ ଦୁଡାମେଟା ପଞ୍ଚାୟତ ବାଲକାଟି ଗ୍ରାମରେ ଚାଲିଥିବା ଜାଗର ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମରେ ଥିବା ମହାକାଳେଶ୍ୱର ମହାଦେବଙ୍କ ମନ୍ଦିରରେ ବୁଧବାର ପୂଜାର୍ଚ୍ଚନା କରାଯାଇଥିଲା। ରାତି ୧୨ଟାରେ ମହାଦୀପ ଉଠାଯାଇଥିବା ପୂଜକ ଗଙ୍ଗା ମାଡ଼କାମୀ କହିଛନ୍ତି। ଏହି ଯାତ୍ରାର ଶେଷ ଦିନ ଶୁକ୍ରବାର ସକାଳେ କଳସ ଯାତ୍ରା ନଗର ପରିକ୍ରମା କରିଥିଲା। ଏଥିସହ ଠାକୁରଙ୍କୁ ଜଳଲାଗି ଓ ପୂଜାର୍ଚ୍ଚନା କରାଯାଇଥିଲା। ଅଖିଳ ଭାରତ ହିନ୍ଦୁ ମହାସଭା କର୍ମୀ ପଡ଼ିଆ ମାଡ଼କାମୀ ଅତିଥିଭାବେ ଉପସ୍ଥିତ ଥିଲେ। ସଭାପତି ରାମଚନ୍ଦ୍ର ସୋଡି, ସମ୍ପାଦକ ଭୀମା ମାଡ଼କାମୀ, କୋଷାଧ୍ୟକ୍ଷ ରାମଚନ୍ଦ୍ର ମାଡ଼କାମୀ, ବିଜୟ ମାଡ଼କାମୀ, ଇରମା ପଡିଆମୀ, ଈଶ୍ୱର ପଡିଆମୀ, ମଙ୍ଗଳା ମାଡ଼କାମୀ, ବିଜୟ ମାଡ଼କାମୀ, ଅଶୋକ ପଡିଆମୀ, କେଶବ ମାଡ଼କାମୀ ଓ ବାଗା ମାଡ଼କାମୀ ପ୍ରମୁଖଙ୍କ ସହଯୋଗରେ ଯାତ୍ରା ପାଳନ କରାଯାଇଥିବା ସଭାପତି ରାମଚନ୍ଦ୍ର ସୋଡି କହିଛନ୍ତି। ମନ୍ଦିର ପ୍ରତିଷ୍ଠାତା ଡାକ୍ତର ସୂର୍ଯ୍ୟକାନ୍ତ ପଟ୍ଟଯୋଷୀଙ୍କ ସମେତ ସୁଦର୍ଶନ ସାବତ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ମେଳା:ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଜନତା

ମାଲକାନଗିରି,୧୩(ଗୌରୀଶଙ୍କର ପଣ୍ଡା)

ଓଡ଼ିଶାରେ ପ୍ରଥମଥର ପାଇଁ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ଖେଳ ପଡିଆରେ ଦ୍ୱିତୀୟ ଦିବସରେ ଏହି ମେଳାର ରଙ୍ଗା ରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଜନତା । ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ମାଲାକନଗିରି ବିଧାୟକ ନରସିଂହ ମାଡକାମୀ ଓ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ କଲିକତାର ଚର୍ଚ୍ଚିତ ଗାୟିକା ତ୍ରିଶା ବାନାର୍ଜୀ ଓ ତାଙ୍କ ଦଳ ଏହି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିଥିଲେ ।

## ଜଳ ନଷ୍ଟ ନ କରି ସଦୁପଯୋଗ କର

କୋରୁକୋଣ୍ଡା,୧୩(ଶିବଦତ୍ତ ସାହୁ)

- କୋରୁକୋଣ୍ଡା ବ୍ଲକ
- ଜଳ ପର୍ଯ୍ୟାପ୍ତ ଗ୍ରାମ ପଞ୍ଚାୟତ ପ୍ରଶିକ୍ଷଣ ଶିବିର

କୋରୁକୋଣ୍ଡା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ବିଡିଓ ଅମୁଲ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ଜଳ ପର୍ଯ୍ୟାପ୍ତ ଗ୍ରାମ ପଞ୍ଚାୟତ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛ। ବୈଠକରେ ଜିପିଡିଓ ସୁବାସ ଚନ୍ଦ୍ର ଖିଲ, ବ୍ଲକ ରିସୋର୍ସ କୋର୍ଡିନେଟର ସୁବ ଚରଣ ମଣ୍ଡଳ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳ ଓ ସିପି ସତ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରାମରେ ଦିନକୁ ଦିନ ଜଳସ୍ତର ହ୍ରାସ ପାଉଛି। ଏହାକୁ ନଷ୍ଟ ନ କରି କିଭଳି ଏହାର ସଦୁପଯୋଗ କରିବେ ଏବଂ ବ୍ୟବହାର କରିବେ ସେ ସମ୍ପର୍କରେ ବୁଝାଯାଇଥିଲା। ଏଥିସହ ଅଞ୍ଚଳରେ କରାଯାଉଥିବା ବିଭିନ୍ନ ଫସଲ, ପନିପରିବା ଚାଷ ପାଇଁ ଜଳର ଆବଶ୍ୟକତା ରହିଛି। ଚାଷ ସମୟରେ କିପରି ଭାବେ ପାଣିକୁ ନଷ୍ଟ ନ କରି ଗଛମୂଳରେ ଆବଶ୍ୟକତା ଅନୁସାରେ ଦେଇପାରିବା ଏବଂ ଏହାର ବ୍ୟବହାର ବିଷୟରେ ପ୍ରଶିକ୍ଷୟ ଦିଆଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ପେସା ' ନିୟମ ତଥା ଜଙ୍ଗଲ ଆକ୍ଟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ୧୨ ପଞ୍ଚାୟତର ବହୁ ସ୍ୱୟଂସହାୟକ ଗୋଷ୍ଠୀ, ୱାର୍ଡ ମେମ୍ବର,ସେଲ୍ଫ ଏମ୍ପ୍ଲମେଣ୍ଟ ମେକାନିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ଅଧିକାରୀମାନେ ଜଳ ପରିଚାଳନା ନେଇ ଆଲୋଚନା କରୁଛନ୍ତି।

## ଜଳକଷ୍ଟ ଭୋଗୁଛନ୍ତି କନିଙ୍ଗୀ ଗ୍ରାମବାସୀ

କୋରୁକୋଣ୍ଡା,୧୩(ଶିବଦତ୍ତ ସାହୁ

- ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସୋଲାର ପ୍ରକଳ୍ପ ଅଚଳ
- ତୁରନ୍ତ ମରାମତି କରାଯିବ: ବିଡିଓ

ଖରାଦିନ ଆରମ୍ଭରୁ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଛି ଜଳ ସଙ୍କଟ। ଦୀର୍ଘବର୍ଷ ହେଲା ବିଭିନ୍ନ ସ୍ଥାନରେ ଅଚଳ ହୋଇପଡିଛି ସୌରଚାଳିତ ପ୍ରକଳ୍ପ। ଗାଁରେ ଥିବା ୪ ନଳକୂପ ମଧ୍ୟରୁ ୨ ଅଚଳ ହୋଇପଡିଛି। ଅନ୍ୟ ଦୁଇଟି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରି ଚଳୁଛନ୍ତି। ତେବେ ଏହି ନଳକୂପରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ବହୁ ବସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କନିଙ୍ଗୀ ଗାଁରେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରାୟ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁରେ ଅଚଳ ହୋଇ ପଡିଛି ସୌରଚାଳିତ ଜଳ ପ୍ରକଳ୍ପ। ଗାଁ ଆଖପାଖରେ ପୋଖରୀ, ନଦୀ କିମ୍ବା ନାଳ ନାହିଁ। ଏଠାରେ ବାସ କରୁଥିବା ୬୦ରୁ ଉର୍ଦ୍ଧ୍ୱ ପରିବାର ଏବଂ ଗୋରୁ ଓ ଗୃହପାଳିତ ପ୍ରାଣୀ ଜଳମୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମ ସଭାପତି ରତନ ଗୁଡିଆ, ମେମ୍ବର ବିନ ଗୁଡିଆ, ସୁବାସ ଖରା, ସମରା ଗୁଡିଆ, ରବି ଗୁଡିଆ, କିଶୋର ଗୁଡିଆ, ସୁରେଶ ଖରା, ଧନ ଗୁଡିଆ, ସୁରେନ୍ଦ୍ର ଗୁଡିଆ ଓ ଭୀମ ଗୁଡିଆଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାକାମାମୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟିକୁ ପୂର୍ବରୁ ଥରେ ସଜଡ଼ା ଯାଇଥିଲା। ବର୍ତ୍ତମାନ ଉକ୍ତ ପ୍ରକଳ୍ପଟିକୁ ମରାମତି କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କହିବି ବୋଲି କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ମୋବାଇଲ ନଂ. ୭୯୭୮୦୨୬୪୦୨ରେ ଯୋଗାଯୋଗ କରାଯାଇଥିଲା। ସେ ନ ଉଠାଇବାରୁ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟିକୁ ତୁରନ୍ତ ମରାମତି କରିବାକୁ ମୁଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିବା ଜଣାଇଛନ୍ତି ।


ସୋଲାର ପ୍ରକଳ୍ପ ନିକଟରେ ଏକତ୍ରିତ ହୋଇଥିବା ଗ୍ରାମବାସୀ ।

## ୨ ଅଭିଯୁକ୍ତ, ଅଟୋ ଡ୍ରାଇଭର ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ଜୟନଗରସ୍ଥିତ ଲ୍ୟାକ୍‌ପ୍ଲେସିଡରେ ଚୋରି ହୋଇଥିବା ଅଭିଯୋଗରେ ଶୁକ୍ରବାର ଟାଉନ ପୋଲିସ ୨ଅଭିଯୁକ୍ତ ଓ ଅଟୋ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଇକ ସାହି ଅଞ୍ଚଳର ଆକାଶ ହରିଜନ, ଗୋବିନ୍ଦା ହରିଜନ ଓ ଅଟୋ ଡ୍ରାଇଭର କୈଳାସ ପାତ୍ର। ଏ ନେଇ ଫେବୃଆରୀ ୧୨ ରେ ଲ୍ୟାକ୍‌ପ୍ଲେସିଡ ମାଲିକ ତୁଳସୀ ପ୍ରସାଦ ବେହେରା ଲିଖିତ ଅଭିଯୋଗ କରିଥିଲେ। ୨୦ ଜାନୁଆରୀରେ ୫ରୁ ୬ଜଣ ଲେକ୍‌ପ୍ଲେସିଡରେ ପଶି ୪ କମ୍ପ୍ୟୁଟର,୩ ଟିଭି ଓ ୬ ଟ୍ରାକ୍ଟର ବ୍ୟାଟେରୀ ଓ ତମ୍ବା ତାର ଚୋରି କରିଥିଲେ।

# ୫ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମନ୍ତ୍ରୀ

କୋରାପୁଟ,୧।୩(ଅମିତାଭ ବେହେରା)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କୋରାପୁଟ ହାଇସ୍କୁଲ ପଡିଆରେ ନିଯୁକ୍ତି ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର ଓ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ମନ୍ତ୍ରୀ ମଲ୍ଲିକ ଜିଲାର ବିଭିନ୍ନ ଅନଞ୍ଚଳରୁ ମନୋନୀତ ୫ଜଣ ଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ



ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜଣେ ଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ବିଧାୟକ ରଘୁରାମ ମାଛ ଓ କୋଟପାଡ଼ ବିଧାୟକ ରୁପୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ନିୟୋଜନ ଅଧିକାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ନିଯୁକ୍ତି ମେଳା

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଦେଇଥିଲେ। ଶିକ୍ଷିତ ଯୁବତୀ ଓ ଯୁବକଙ୍କୁ ବିଭିନ୍ନ ତାଲିମ ଦେବା ସହ ସେମାନଙ୍କୁ ବ୍ୟାଙ୍କ ଜରିଆରେ ଋଣ ଦେବା, ସେମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ ମଲ୍ଲିକ କହିଥିଲେ। ବିଭିନ୍ନ କମ୍ପାନୀରୁ ପ୍ରାୟ ୪୦ଟି ଷ୍ଟଲ ଖୋଲାଯାଇଥିଲା।

## ସଂକ୍ଷେପରେ

### ବାଇକ୍‌ରୁ ଖସି ଯୁବତୀ ମୃତ

ଦଶମନ୍ତପୁର, ୧।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତ ସଦର ମହକୁମାସ୍ଥିତ ଆଦିବାସୀ ସାହିର ଜଣେ ଯୁବତୀ ବାଇକ୍‌ରୁ ଖସି ପଡି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତୁମ୍ବନାଥ ଜାନୀଙ୍କ ଝିଅ ମୁଟଲି ଜାନୀ(୨୩)। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ୍ ଓ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏ ନେଇ ପରିବାର ଲୋକେ ଦଶମନ୍ତପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଏକ ସପ୍ତାହ ତଳେ ଜଣେ ପୁରୁଷ ବନ୍ଧୁଙ୍କ ସହ କୌଣସି କାମ ନେଇ ଏକ ବାଇକ୍‌ରେ ବସି ଯାଉଥିବା ବେଳେ ଅସାବଧାନତାରୁ ମୁଟଲି ଖସି ପଡି ଗୁରୁତର ହୋଇଥିଲେ। ମୁଣ୍ଡକୁ ଆଘାତ ଲାଗି ରକ୍ତସ୍ରାବ ହେଉଥିବାରୁ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଶ୍ମଶାନ ରକ୍ଷା ନେଇ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

ପରଜା ଶ୍ମଶାନ ଜବରଦଖଲ ହୋଇଥିବା ନେଇ ୮ ଗ୍ରାମର ଗ୍ରାମବାସୀ ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କୁ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ବଙ୍ଗଳାବାଡ, ପଟ୍ଟନାୟକଗୁଡା, ହାନାଗୁଡା, ନଡିଆବାଡ ସାହୁ, ଜାମ୍ବବାଡ ସାହି, ଖଡରା ସାହି, ନୁଆଗୁଡା ଓ କେନ୍ଦୁଗୁଡାର ଶ୍ମଶାନକୁ କେହି ଜଣେ ବ୍ୟକ୍ତି ସଫା ସୁତରା କରି ପ୍ଲଟିଂ କରୁଛନ୍ତି। ଜୟପୁର ଲିଙ୍ଗରାଜନଗର ଘରୋଇ ବସ୍‌ଷ୍ଟାଣ୍ଡ ପଛପଟେ ଥିବା ଶ୍ମଶାନକୁ ୮ ଗ୍ରାମର ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ଏହାକୁ ଜବରଦଖଲ କରାଯାଉଥିବାରୁ ପ୍ରଶାସନ ବନ୍ଦ କରିବା ସହ ଶ୍ମଶାନକୁ ରକ୍ଷା କରିବାକୁ ଦାବି କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟପୁର ବ୍ଲକ୍ ଆଦିବାସୀ ସଂଘର ସଭାପତି ଜିତେନ୍ଦ୍ର ନାୟକ ଓ ପରଜା ସମ୍ପ୍ରଦାୟର ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ହାଲ୍ ଠିକା କର୍ମଚାରୀ ସଂଘର ଆନ୍ଦୋଳନ


ଆନ୍ଦୋଳନ କରିବାକୁ ଆସିଥିବା ଶତାଧିକ ହାଲ୍ କର୍ମଚାରୀ।

ସୁନାବେଡା, ୧।୩(କୃତ୍ତିବାସ ପ୍ରଧାନ)

ସୁନାବେଡା ଏସ୍‌ୟୁ ଗେଟ୍ ଆଗରେ ହାଲ୍ ଠିକା କର୍ମାଚରୀ ସଂଘର ଶତାଧିକ ସଦସ୍ୟ ଶନିବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ୧୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ହାଲ ପ୍ରଶାସନିକ ଅଧିକାରୀଙ୍କୁ ଦିଆଯାଇଥିଲା। ହାଲ୍‌ରେ ୨୪୦୦ରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ ଥିବା ବେଳେ ପ୍ରତି ମାସ ଇଏସ୍‌ଆଇ ବାବଦକୁ ଟଙ୍କା କଟାଯାଉଛି। କିନ୍ତୁ ସେମାନେ ଇଏସ୍‌ଆଇ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କାରଣ ଆଖପାଖ ଅଞ୍ଚଳରେ ଇଏସ୍‌ଆଇ ଡାକ୍ତରଖାନା ନ ଥିବାରୁ ହାଲ୍ ଡାକ୍ତରଖାନାରେ ଏକ ଅସ୍ଥାୟୀ ଇଏସ୍‌ଆଇ ଡାକ୍ତରଖାନା ଖୋଲିବା, ୧୮ରୁ ୨୦ ଦିନ ପରିବର୍ତ୍ତେ ୨୬ ଦିନ କାର୍ଯ୍ୟ ଦିବସ, ପ୍ରତି ମାସ ୧ ତାରିଖରେ ଦରମା ପ୍ରଦାନ, ମେଡିକାଲ କେସ୍‌ରେ ସପ୍ତାହରେ ଥରେ ଗେଟ ପାସ ଦେବା, ପ୍ରତିମାସ ଇଏସ୍‌ଆଇ ଏବଂ ପିଏଫ୍ ବାବଦ ଟଙ୍କା ଶ୍ରମିକଙ୍କଠାରୁ କଟାଯାଉଥିଲେ ବି ସମ୍ପୃକ୍ତ ଠିକାଦାର ଠିକ୍ ସମୟରେ ନ ବାନ୍ଧିବା,ବାଧ୍ୟତାମୂଳକ ଭାବେ ଦରମା ସ୍ଲିପ୍ ଦେବା,ହାଲ ପରିସରରେ ୟୁନିୟନ ନିମନ୍ତେ କାର୍ଯ୍ୟାଳୟ ଦେବା,ବହୁ କର୍ମଚାରୀ ଆଇଟିଆଇ, ଡିପ୍ଲୋମା ଆଦି ଡିଗ୍ରୀ ହାସଲ କରି ୧୦ରୁ ୧୫ ବର୍ଷ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଅଣକୁଶଳୀରୁ କୁଶଳୀ ସେହିପରି ସେମି ସ୍କିଲରୁ ସ୍କିଲ କରା ନ ଯିବା,ସେଣ୍ଟ୍ରାଲ କମିଶନରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ସର୍ଟ ବୋନସ ନ ମିଳିବା, ବର୍ଷରେ ୩ ଜାତୀୟ ଛୁଟି ଦିବସ ସହ ଆଉ ୯ଟି ଛୁଟି ଏବଂ ସବୁ କର୍ମଚାରୀ ପାଇଁ ଗୋଟିଏ ୟୁନିଫର୍ମ ଦେବା ଭଳି ୧୭ ଦାବି ରହିଛି। ଦାବିପତ୍ରର ନକଲ କପି ହାଲ ବିଭାଗ ଡିଜିଏମ୍(ଏଚ୍‌ଆର)ଙ୍କ ସହ ବିଭାଗୀୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, କୋରାପୁଟ ଜିଲାପାଳ, ଜୟପୁର ଜଏଣ୍ଟ ଲେବର କମିଶନର ଏବଂ ଭୁବନେଶ୍ୱର ରିଜୋନାଲ ଲେବର କମିଶନରଙ୍କୁ ପ୍ରେରଣ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସୁନାବେଡା ଥାନା ଅଧିକାରୀ ସୁଷମା କୁହଁର ଟିମ୍ ସହ ଆନ୍ଦୋଳନସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଏହା ପରେ ଠିକା କର୍ମଚାରୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ବାଇକ୍, ସୁନା ଚେନ୍ ଚୋରି ଅଭିଯୋଗରେ ୩ ଗିରଫ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବିଭିନ୍ନ ଚୋରି ମାମଲାରେ ଜଡିତ ଥିବା ୨ ଅଭିଯୁକ୍ତ ଓ ଚୋରି ସୁନା କିଣିଥିବା ବ୍ୟକ୍ତିଙ୍କୁ ଟାଉନ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଓଡ଼ିଆ ମେନ୍ଦ୍ରୀ ସାହିର ବିଶାଲ ନାଗ, ରାଜୀବ ସାଗର ଓ କିଣିଥିବା ବ୍ୟକ୍ତି ବାପୁଜି ନଗର ଅଞ୍ଚଳର ଅଶୋକ ହନ୍ତାଳ। ଦ୍ୱିତୀୟ ଦୈନିକ ବଜାରରେ ୨ ଦୁର୍ବୃତ୍ତ ବାଇକ୍‌ରେ ଜଣେ ବ୍ୟକ୍ତିଙ୍କ ସୁନା ଚେନ ଝାମ୍ପି ନେଇଥିଲେ। ଟାଉନ ପୋଲିସ ସହରର ସିସିଟିଭି ଆଧାରରେ ଯାଞ୍ଚ କରିଥିଲା। ଦୁର୍ବୃତ୍ତମାନେ ବାପୁଜି ନଗର ଅଞ୍ଚଳର ଅଶୋକଙ୍କୁ ୩୦ ହଜାର ଟଙ୍କାରେ ବିକ୍ରି କରିଥିବା ମାନିଥିଲେ। ଗୋଟିଏ ଡିଏସ୍‌ଏଲଆର୍ କ୍ୟାମେରା, ୨ ରୁପା ମୁଦି,କାନ ଫୁଲ ଓ ବାଇକ୍‌କୁ ପୋଲିସ ଜବତ କରିଛି।

# ଜାତୀୟ ବିଜ୍ଞାନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ପଟ୍ଟାଙ୍ଗି, ୧।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁକାଲିରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ୍ ଶିକ୍ଷାଧିକାରୀ ଟି. ମିନତୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାକର ଖଟୁଆ, ରଜନୀକାନ୍ତ ବଡ଼ନାୟକ ଓ ପେଟୁରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପଶିଖା ବେହେରା କାର୍ଯ୍ୟକ୍ରମ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମନୁଷ୍ୟ ଜୀବନରେ ବିଜ୍ଞାନର ଭୂମିକା ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଗୁରୁତ୍ୱ ସମ୍ବନ୍ଧରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଟୁଆ କହିଥିଲେ। ବିଜ୍ଞାନ ଶିକ୍ଷକ ପିଣ୍ଟୁ କୁମାର ଦାଶ, ବିନୟ ମଣ୍ଡଳ ଓ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ବିଜ୍ଞାନ ଓ ଗଣିତ ବିଷୟରେ ପିଲାମାନଙ୍କୁ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟରେ ପାଞ୍ଚଦିନିଆ ଶିଶୁ ବାଟିକା ପ୍ରସ୍ତୁତି ମଡ୍ୟୁଲ୍‌କୁ ନେଇ ପ୍ରଶିକ୍ଷଣ ସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ହାତ ତିଆରି ଜିନିଷଗୁଡ଼ିକୁ ପ୍ରଦର୍ଶିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ କ୍ଲଷ୍ଟରର ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ସନାତନ ମହାରଣା, ଅର୍ଜ୍ଜୁନ ଦାସ, ପ୍ରଜ୍ଞାତ ବିଶି, ଶିବ ପ୍ରସାଦ ସାମଲ,ଭାସ୍କର ଚନ୍ଦ୍ର ମହାରଣା, ପୁଷ୍ପଲତା ସିଂ, ନମିତା ଖରା ଓ ସ୍ନେହଲତା ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

# ମଙ୍ଗଳା ମନ୍ଦିରର ୮ତମ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ପୂଜାର୍ଚ୍ଚନାରେ ଯୋଗ ଦେଇଥିବା ମହିଳାମାନେ।

ସୁନାବେଡା/ସେମିଳିଗୁଡ଼ା, ୧।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ଗୋପବନ୍ଧୁ ନଗର ପାହାଡ଼ ଉପରେ ଥିବା ମା' ମଙ୍ଗଳା ମନ୍ଦିରର ୮ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରକୁ ଆକର୍ଷଣୀୟ ଢଙ୍ଗରେ ସଜା ଯାଇଥିଲା। ଶୁକ୍ରବାର ସୁନାବେଡାସ୍ଥିତ ଟିମ୍ବର ବ୍ରିଜ ନିକଟ ଜଳ ଭଣ୍ଡାରରୁ କଳସଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନେକ ମହିଳା ଓ ପୁରୁଷ କୀର୍ତ୍ତନ କରି ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ମା'ଙ୍କ ରୀତିନୀତି,ସୂର୍ଯ୍ୟ ପୂଜା,ଗୋ ପୂଜା, ଅଗ୍ନି ସ୍ଥାପନ,ଚଣ୍ଡୀ ପାଠ,ଦୀପ ଯଜ୍ଞ, ଆରତୀ ଓ ପୁଷ୍ପାଞ୍ଜଳି ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିଲା। ଏଥିରେ ମୁଖ୍ୟ ପୂଜକ ପଣ୍ଡିତ ରଞ୍ଜିତ ପଣ୍ଡା ଓ ଶ୍ରୀନିବାସ ଦାସ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ କର୍ତ୍ତା ପି. ଦଣ୍ଡପାଣି ପାତ୍ର ଓ ତାଙ୍କ ସ୍ତ୍ରୀ ପି. ଲକ୍ଷ୍ମୀ ପାତ୍ର ଥିଲେ। କମିଟି ପକ୍ଷରୁ ଏକ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ମା' ମଙ୍ଗଳା ପୂଜା କମିଟିର ସଭାପତି ବିଶ୍ୱ ବନ୍ଧନ ସାମଲ, ସମ୍ପାଦକ ସୁଶାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ବିଜୟ ବାଡତ୍ୟାଙ୍କ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ପୌରପାଳିକାରେ ଆନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳିତ ହୋଇଯାଇଛି। ହୁଇଲ୍ ଚେୟାର ସମାଜରେ ଦିବ୍ୟାଙ୍ଗ ଓ ଅନ୍ୟ ବ୍ୟକ୍ତିଙ୍କ ସହାୟକ ହୋଇଛି। ତାକୁ ମନେ ପକେଇବା ସହ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମଧ୍ୟରେ ଥିବା ମନୋବଳକୁ ଦୃଢ଼ କରିବା ଓ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ମୁଖ୍ୟ ଅତିଥି ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପତାକ ଦେଖାଇ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଜୟପୁର ପୌରପାଳିକାଠାରୁ ଶୋଭାଯାତ୍ରା ବାହାରି ଟ୍ରାଫିକ୍ ଛକରେ ପହଞ୍ଚିଥିଲା। ଏଥିରେ ୬୭ଜଣ ଦିବ୍ୟାଙ୍ଗ ଅଂଶ ଗ୍ରହଣ କରିଥିଲେ। ଏହାପରେ ହୁଇଲ ଚେୟାର ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦେବ ପ୍ରସାଦ ପରିଚ୍ଛା ପ୍ରଥମ, ଭଗତ ଗୋଡା ଦ୍ୱିତୀୟ ଓ ପୁରୁଷୋତ୍ତମ ବଳ ତୃତୀୟ ହୋଇଥିଲେ। ସମସ୍ତ ବିଜେତାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାରା ମହାନ୍ତି, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତିବାସ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, କେ. ଏସ୍. ନିଶା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଡିଏସ୍‌ଏସ୍ ଓ କାର୍ଯ୍ୟାଳୟ, କୋରାପୁଟ ଅହାନା ବୈଦ, ପୌରପାଳିକା, ଜୟପୁର ଉପବିଭାଗ ଚପଳା ମିଶ୍ର ଉପସ୍ଥିତ ଥିଲେ। ଜଗନ୍ନାଥ ନାୟକ, କନିଷ୍ଠ ସହାୟକ, ପୁନମ ସାହୁ ଓ ସଞ୍ଜୟ କୁମାର ମାର୍ଥା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି ଓ ଦିବ୍ୟାଙ୍ଗମାନେ।

# ବିଶ୍ୱସ୍ତରୀୟ କୃଷି ଐତିହ୍ୟସ୍ଥଳୀ ଫଳକ ଉଦ୍‌ଘାଟିତ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

ଜୟପୁର ଏୟାରପୋର୍ଟରେ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟସ୍ଥଳୀର କୋରାପୁଟ ଫଳକ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପ୍ରମୁଖ ଶାସନ ସଚିବ ଅରିବନ୍ଦ ପାଢୀ ଉଦ୍‌ଘାଟନ କରିଛନ୍ତି। କୋରାପୁଟ ଜିଲାକୁ ବିଶ୍ୱର ଏକ ଗୁରତ୍ୱପୂର୍ଣ୍ଣ ସ୍ଥାନ ଭାବେ ୨୦୧୨ରୁ ଚିହ୍ନଟ କରାଯାଇଛି। ଏ ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନ କୌଣସି ସ୍ଥାନରେ ଫଳକ ଲାଗି ନ ଥିବାରୁ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ଭାରତ ପ୍ରତିନିଧି ଉଦ୍‌ବେଗ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପ୍ରକାଶ କରିଥିଲେ। ଏହାକୁ ଗୁରୁତର ସହ ନେଇ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ଉଦ୍ୟମ କରି ଜୟପୁର ଏୟାଟପୋର୍ଟରେ ଫଳକ ସ୍ଥାନିତ କରିଥିଲେ। ଏହିଭଳି ଜିଲାର ପ୍ରତି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିବ। ଏଥିରେ ଜୟପୁର ଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ୨ ଗିରଫ

କୋରାପୁଟ, ୧।୩(ଅମିତାଭ ବେହେରା)

କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦୫ ଲିଟର ମଦ ଜବତ କରି ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଭଲିଆପେଟାଗୁଡ଼ାର ରାମ ପୂଜାରୀ। କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁ, ଏସ୍‌ଆଇ ଜଗବନ୍ଧୁ ଜାନି, ଏଏସଆଇ ଏଲିଜା ବିଷୋୟୀ ଓ ମମତାମୟୀ ମହାନ୍ତି ପ୍ରମୁଖ ଚଢ଼ାଉ କରିଥିଲେ। କୋରାପୁଟ ସଦର ଥାନାର ଭଲିଆପେଟାଗୁଡା ଗ୍ରାମକୁ ଯାଇ ବେଆଇନ ଭାବେ ବିକ୍ରିକରାଯାଉଥିବା ଦେଶୀ ମଦ ସହ ଓଡି-୧୦-ଏଚ -୧୯୬୫ ଏକ ଅଟୋକୁ ଜବତ କରିଥିଲେ। କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଜାନିଗୁଡା ଗ୍ରାମର ହରି ଜାନିଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ସୁଧୀର ସାହୁ କହିଛନ୍ତି।

# ଅତିରିକ୍ତ ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର, ୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ବର୍ମନଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ତାଙ୍କର କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ନିଷ୍ପାପର ସହଯୋଗକୁ ମନେ ପକାଇ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଜିଲାପାଳ ଗୀତାଞ୍ଜଳି ବେହେରା, ପି. ମନସ୍ୱିତା, ମୀରା ନାୟକ, ସହକାରୀ ଜିଲାପାଳ ବିନାୟକ ଖାଡ଼ଙ୍ଗା, ଅଶ୍ୱୀନ ମାଝୀ, ଶିବଶଙ୍କର ପାଢ଼ି, ବିଜୟ ସାହୁ, କବିତା ବ୍ରହ୍ମା ଓ ଜୋସ୍ନା ଚୌଧୁରୀ ପ୍ରମୁଖଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ ଅତିରିକ୍ତ ଜିଲାପାଳ ନାୟକଙ୍କ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପ୍ରଶାସକ ଭାବେ ବଦଳି ହୋଇଛି।


ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ।

# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା

କୋରାପୁଟ, ୧।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍ ତଥା ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ମିଳିତ ଭାବେ ସ୍ଥାନୀୟ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଏବଂ ପୋଲିସ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଆୟୋଜିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି କୋରାପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା ମାଝୀ, ସମ୍ମାନୀତ ଅତିଥି ଏବିଇଓ ଶିବ ପ୍ରସାଦ ରଥ ଓ ଜସନ୍ ବେନ୍ୟା କାଉନସିଲର କେ. ଗେପ୍ତେଶ୍ୱର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରୀ ନିପୁଣ ଗୀତ ଗାନ କରିବା ପରେ ସମସ୍ତଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ନିପୁଣ ଓଡ଼ିଶାର ଲକ୍ଷ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୋଲିସ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାଧିକାରୀ ଜାନୀ ପଞ୍ଚସୂତ୍ର, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ନେଇ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ କ୍ଲଷ୍ଟର ଅନ୍ତର୍ଗତ ୮ ବିଦ୍ୟାଳୟରୁ ୧୧୫ ଛାତ୍ରୀଛାତ୍ର ଏବଂ ୬୫ ଅଭିଭାବକ ଯୋଗ ଦେଇଥିଲେ। ନିପୁଣ ଓଡ଼ିଶା,କାହାଣୀ କହିବା ଏବଂ ଭୂମିକା ନିର୍ବାହ, ଅଭିନବ ଟିଏଲ୍‌ଏମ୍, ଲାଇଭ କ୍ଲାସ ଓ ସ୍ୱତନ୍ତ୍ର ଆଲୋଚନା ଆଦି ୫ଟି ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଲିଖନ ସାମଗ୍ରୀ ବଣ୍ଟନ, ଶିକ୍ଷକଙ୍କ ସହ ପ୍ରତି କ୍ଲଷ୍ଟରରୁ ଆସିଥିବା ଜଣେ ଲେଖାଏ ଶିକ୍ଷକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସିଆରସିସି ସୁବୋଧ ମାଝୀ, ହର ମିଶ୍ର, ତ୍ରିଲୋକେଶ ପଣ୍ଡା,ସୂର୍ଯ୍ୟ ବେହେରା,ବାସୁଦେବ ଦାସ,ଲୁଙ୍ଗୁରୀ ଶଙ୍କର ,ଜ୍ୟୋତି ପାଢ଼ୀ, ପ୍ରତିମା ପଣ୍ଡା,ସଂଯୁକ୍ତା ଖରା, ରୀନା ଦାସ, ଶୁଭ୍ରାରାଣୀ ପ୍ରଧାନ,ନର୍ମଦା ତ୍ରିପାଠୀ ଓ ପ୍ରମୋଦ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଚୋରି ସାମଗ୍ରୀ ଜବତ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

ଜୟପୁର ପୁରୁଣା ବ୍ଲଡ୍ ବ୍ୟାଙ୍କରେ ହୋଇଥିବା ବିଭିନ୍ନ ଚୋରି ସାମଗ୍ରୀକୁ ଟାଉନ ପୋଲିସ ଜବତ କରିଛି। ଫେବୃଆରୀ ୨୦ରେ ଜୟପୁର ବ୍ଲଡ ବ୍ୟାଙ୍କରେ ଲାଗିଥିବା ୫ ଏସି, ୨ଟି ଇନଭର୍ଟର ବ୍ୟାଟେରି, ୮ଟି ଷ୍ଟିଲ ପାଣି ଟ୍ୟାପ, ୪ଟି ଲୁହା ଚେୟାର ଚୋରି ହୋଇଥିଲା। ଏ ନେଇ ବ୍ଲଡ ବ୍ୟାଙ୍କ ଅଧିକାରୀ ଏସ୍.ଏସ ମିଶ୍ର ଲିଖିତ ଅଭିଯୋଗ କରିଥିଲେ। ଟାଉନ ପୋଲିସ ବାପୁଜି ନଗର ଅଞ୍ଚଳର ଅଶୋକ ହନ୍ତାଳ, ଗୋପବନ୍ଧୁ ନଗର ଅଞ୍ଚଳର ରବିନ୍ଦ୍ର ବାଘ ଓ ମିଲ ସାହି ଅଞ୍ଚଳର ରାଜା ଚୌଧୁରୀଙ୍କୁ ଗିରଫ କରିଛି। ଜୟପୁର ସହରରେ ଥିବା ୧୦ଟି କବାଡି ଦୋକାନ ବୁଲିବା ପରେ ଅଭିଯୁକ୍ତ ରବିନ୍ଦ୍ର ଓ ଅଶୋକ ବ୍ଲଡ ବ୍ୟାଙ୍କରୁ ଚୋରି କରିଥିବା ମାନିଥିଲେ। ୨ ଅଭିଯୁକ୍ତ ଦୈନିକ ବଜାର ନିକଟରେ ଥିବା କବାଡି ଦୋକାନ ମାଲିକ ରାଜାଙ୍କୁ ବିକ୍ରି କରିଥିଲେ। ପୋଲିସ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି।

# ବିଇଓଙ୍କୁ ୩ ଦିନରେ ଉତ୍ତର ରଖିବାକୁ ବିଡିଓଙ୍କ ନିର୍ଦ୍ଦେଶ

ପଟ୍ଟାଙ୍ଗି, ୧।୩(ଶରତ କୁମାର ଧଳ)

### ସମିତି ବୈଠକରୁ ଉଠି ଚାଲିଯିବା ଘଟଣା

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଶିକ୍ଷାଧିକାରୀ ନିର୍ବାଚିତ ଜନ ପ୍ରତିନିଧି ଓ ବ୍ଲକ୍ ପ୍ରଶାସନକୁ ଅବମାନନା କରି ବୈଠକରୁ ଉଠି ଚାଲିଯିବା ଘଟଣାରେ ବିଡିଓ ରାମକୃଷ୍ଣ ନାୟକ ବିଇଓ ଟି. ମିନତୀଙ୍କୁ କୈଫିୟତ ତଲବ କରି ୩ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ କରିଛନ୍ତି। ସୂଚନା ଅନୁଯାୟୀ, ଫେବୃଆରୀ ୨୫ରେ ବ୍ଲକ୍ ପ୍ରଶାସନର ପ୍ରସ୍ତାବରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗିଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା ବ୍ୟବସ୍ଥାକୁ ନେଇ ହୋଇଥିବା ଆଲୋଚନା ସମୟରେ ପଟ୍ଟାଙ୍ଗି ନୂଆଗାଁ, ମାଳିପୁଟ ଓ ଅମ୍ବାବାଲି ପ୍ରମୁଖ ପଞ୍ଚାୟତର ସରପଞ୍ଚ, ପଟ୍ଟାଙ୍ଗି ସମିତିସଭ୍ୟା ଶିକ୍ଷା ବ୍ୟବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରି ବ୍ଲକ୍ ଶିକ୍ଷାଧିକାରୀ ମିନତୀଙ୍କୁ ବିଦ୍ୟାଳୟଗୁଡ଼ିକରେ ରହିଥିବା ଅବ୍ୟବସ୍ଥା ସମ୍ପର୍କରେ ମତାମତ ଓ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ ବିଇଓ ମିନତୀ ସରପଞ୍ଚ ଏବଂ ସମିତି ସଭ୍ୟାଙ୍କ ପ୍ରସ୍ତାବରେ ରାଗି ଯାଇ ସେମାନଙ୍କ ସହ ଯୁକ୍ତିତର୍କ କରି ତୁମେମାନେ କିଏ ମତେ ପ୍ରଶ୍ନ କରିବାକୁ କହିଥିଲେ। ମୋତେ କ'ଣ ତୁମେମାନେ ଚାକିରୀ ଦେଇଛ ବୋଲି ପ୍ରଶ୍ନ କରିଥିଲେ। ବ୍ଲକ ଅଧ୍ୟକ୍ଷା ପାଙ୍ଗି ଅସନ୍ତୋଷ ପ୍ରକାଶ କରିଥିବା ବେଳେ ବିଡିଓ ନାୟକ ବିଇଓଙ୍କୁ ଚୁପ୍ ହେବା ପାଇଁ କହିଥିଲେ। କିନ୍ତୁ ବିଇଓ ମୀନତି ମୁଁ କାହିଁକି ଚୁପ୍ ରହିବି କହି ବୈଠକରୁ ଉଠି ଚାଲି ଯାଇଥିଲେ। ଉକ୍ତ ଅଧିକାରୀଙ୍କ ଏହିପରି ବୈଠକରୁ ଉଠି ଚାଲିଯିବା ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ବ୍ୟଥିତ କରିଥିଲା। ଫଳରେ ବ୍ଲକ ପ୍ରଶାସନ ଚିଠି ନଂ ୦୭୨୦/ ୨୫।୦୨।୨୦୨୫ରେ ବିଇଓ ମିନତୀଙ୍କୁ କୈଫିୟତ ତଲବ ଜାରି କରି ୩ ଦିନ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ପଚାରିବାରୁ ବିଇଓଙ୍କୁ ୩ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ୪ ଦିନ ବିତି ଯାଇଥିଲେ ସୁଦ୍ଧା ତାଙ୍କଠାରୁ କୌଣସି ଉତ୍ତର ମିଳି ନ ଥିବା ସେ କହିଛନ୍ତି।

